## ନୀତିଶ୍ଳୋକ

କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।
ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାନମ୍ ॥

କାମକ୍ରୋଧ ରହିତ, ବିଜିତମନା ଏବଂ ଆତ୍ମଦର୍ଶୀ ସାଂଖ୍ୟଯୋଗୀମାନଙ୍କ ପାଇଁ ସବୁ ଦିଗରୁ (ଜୀବିତ ଅବସ୍ଥାରେ ବା ମୃତ୍ୟୁପରେ) ନିର୍ବାଣ ବ୍ରହ୍ମ ପରିପୂର୍ଣ୍ଣ ॥

# ଶିରୋନାସ୍ତି ଶିରପୀଡା

ବିଧାନସଭା ନିର୍ବାଚନ ଫଳପ୍ରକାଶ ପାଇବା ପରଠାରୁ ରାଜ୍ୟରେ ଗୋଟିଏ ନାଟକର ଅନେକ ଦୃଶ୍ୟ ଅଭିନୀତି ହୋଇସାରିଲାଣି । ମୂଳରୁ ଲୋକେ ଏହାକୁ ନାଟକ ବୋଲି ଭାବୁନଥିଲେ । ଏବେ କିନ୍ତୁ ଗୋଟିଏ ପରେ ଗୋଟିଏ ଦୃଶ୍ୟକୁ ତର୍ଜମା କଲେ ଏହି ନାଟକର ଚରିତ୍ରମାନେ କ୍ରମେ ଅଧିକ ସ୍ପଷ୍ଟ ହେବାରେ ଲାଗିଛନ୍ତି । କହିବା ବାହୁଲ୍ୟ ଯେ, ବିଜେଡି ତଥା ସମସ୍ତ ରାଜନୈତିକ ପଣ୍ଡିତମାନଙ୍କ ସର୍ଭେକୁ ଭୁଲ ପ୍ରମାଣିତ କରି ରାଜ୍ୟରେ ବିଜେପିର ସରକାର ଗଠନ ହେବା ସ୍ପଷ୍ଟ ହୋଇଗଲା ପରେ ସବୁଠାରୁ ଅଧିକ ଯଦି କେହି ନିଜର ଆଚରଣ ଦ୍ୱାରା ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିଥାନ୍ତି ସେ ହେଉଛନ୍ତି ଖୋଦ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବରୁ ସେ ପଦେ ବା ଦୁଇପଦ କହୁଥିଲେ ଯାହାକି ହିନ୍ଦୀ ବା ଇଂରାଜୀରେ ଅଥବା ଖଣ୍ଡି ଓଡ଼ିଆରେ । ସେହିପରି ଭାବେ ତାଙ୍କର ହାତ ଥରୁଥିଲା । ଗୋଡବି ସ୍ଥିର ରହୁନଥିଲା । କିନ୍ତୁ ନିର୍ବାଚନ ଫଳ ପ୍ରକାଶ ପାଇବା ପରଠାରୁ ଆକସ୍ମିକଭାବେ ନବୀନ ବାବୁଙ୍କ ଯେପରି କାୟାକଳ୍ପ ହୋଇଗଲା । ଦଳର ମୁଖ୍ୟ ଭାବେ ଆଗାମୀ ପାଞ୍ଚବର୍ଷ ପାଇଁ ଏକଛତ୍ରଶାସନର ସମସ୍ତ ଯୋଜନା ପଣ୍ଡ ହୋଇଗଲା ପରେ ରାଜ୍ୟବାସୀଙ୍କ ଆଗରେ ସେ ନିଜର ଯେଉଁ ପରସ୍ପରବିରୋଧୀ ସ୍ୱରୂପ ଦେଖାଇଲେ ତାହା ଯେପରି ବିସ୍ମୟଜନକ ଠିକ ସେହିପରି ହତାଶାବ୍ୟଞ୍ଜକ ।

ନବୀନବାବୁଙ୍କ ପ୍ରଥମ ଦୃଶ୍ୟ ମୋହନ ମାଝିଙ୍କ ଶପଥଗ୍ରହଣ ସମାରୋହ । ବିଜେପି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଆମନ୍ତ୍ରଣ ପରେ ସେଦିନ ସେ ଯେପରି ଭାବେ ସଭାମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ, ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ବିଜେପିର ତୁଙ୍ଗ ନେତାମାନଙ୍କ ସହ ହସିହସି କରମର୍ଦ୍ଦନ କଲେ ଓ ପ୍ରତିନମସ୍କାର ଜଣାଇଲେ, ତାହା ତାଙ୍କର ହୃଦୟର ସ୍ୱତସ୍ଫୂର୍ତ ସରଳତା ବୋଲି ଏକ ଧରଣା ସୃଷ୍ଟି କରିଥିଲେ ଏବଂ ସେଥିରେ ସେ ସଫଳତା ବି ପାଇଲେ । କିନ୍ତୁ ତାପରେ ନିଜ ରାଜ୍ୟସଭା ସାଂସଦମାନଙ୍କୁ ଯେପରି ଭାବରେ ଆକ୍ରମଣ କରିବାର ନିର୍ଦ୍ଦେଶ ଦେଲେ ସେଥିରୁ ମଧ୍ୟ ଏକ ସ୍ୱତନ୍ତ୍ର ସଂକେତ ମିଳିଥିଲା । ସେ କହିବାକୁ ଚାହିଁଥିଲେ ଯେ, କେନ୍ଦ୍ରରେ ବିଜେପି ସରକାରକୁ ଆଉ ବିଜେଡିର ସମର୍ଥନ ମିଳିବ ନାହିଁ । ବରଂ କେନ୍ଦ୍ରର କଂଗ୍ରେସ ସହିତ ହାତ ମିଳାଇବାକୁ ମଧ୍ୟ ବିଜେଡି ପଛଘୁଞ୍ଚା ଦେବ ନାହିଁ । ତୃତୀୟ ଦୃଶ୍ୟଟି ହୋଇଥିଲା ରଥଯାତ୍ରା ସମୟରେ । ସ୍ୱାଭାବିକ ଭାବେ ସାରା ଓଡ଼ିଶା ଚାହିଁରହିଥାଏ ରଥଯାତ୍ରାକୁ । ସେଦିନ ମହାମହିମ ରାଷ୍ଟ୍ରପତି ସ୍ୱତନ୍ତ୍ର ଭାବେ ଉପସ୍ଥିତ ଥିଲେ । ତାଙ୍କ ସହ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟମନ୍ତ୍ରୀମଣ୍ଡଳର ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ସମୟରେ ଅଯାଚିତ ଭାବେ ମଞ୍ଚତଳେ ଉପସ୍ଥିତ ହୋଇ ବୋଧହୁଏ କହିବାକୁ ଚାହୁଁଥିଲେ ଯେ, ମୋତେ ସ୍ୱତନ୍ତ୍ର ନିମନ୍ତ୍ରଣ କରିବାକୁ ଯିବା ଉଚିତ ଥିଲା । ତେବେ ଯାହାହେଉ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଳକୁ ଯାଇ ତାଙ୍କୁ ସସମ୍ମାନ ମଞ୍ଚଉପରକୁ ଡାକି ଆଣିଲେ । ସେ ମଧ୍ୟ ଆରାମରେ ସସମ୍ମାନେ ମଞ୍ଚ ଉପରକୁ ଆସିଲେ । ବୋଧହୁଏ ସେ ପ୍ରକାଶ କରିବାକୁ ଚାହୁଁଥିଲେ ଯେ, ତାଙ୍କ ବିନା କିଛି ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ । ଏପର୍ଯ୍ୟନ୍ତ ସବୁ ଅଭିନୟ ଥିଲା । ରତ୍ନଭଣ୍ଡାର ଖୋଲିଗଲା ପରେ ଯେତେବେଳେ ଜଣାପଡିଲା ଯେ, ଚାବି ହଜିବା ଏକ ବାହାନା ଥିଲା । ପଛରେ ଅନ୍ୟକିଛି ଉଦ୍ଦେଶ୍ୟ ଥିଲା , ସେତେବେଳ ଲୋକଙ୍କ ଦୃଷ୍ଟି ଏଡେଇବା ପାଇଁ ସେ ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କଲେ । ବିଧାନସଭାର ବଜେଟ ଅଧିବେଶନ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିବାକୁ ଚାହୁଁଥିଲେ । କିନ୍ତୁ ସେ ବିଧାନସଭାରେ କଲେ କଣ ? ଜଣେ ୨୫ବର୍ଷର ମୁଖ୍ୟମନ୍ତ୍ରୀ ଦେଢମାସର ସରକାର ଆଇନଶୃଙ୍ଖଳାର ଦ୍ୱାହୀ ଦେଇ ରାଜ୍ୟପାଳଙ୍କ ଭାଷଣକୁ କେବଳ ଗର୍ଜନ କଲେ ନାହିଁ ବରଂ ତାପରେ ରାଜ୍ୟପାଳଙ୍କ ପୁଅଙ୍କ ଦ୍ୱାରା କରାଯାଇଥିବା ଏକ ଅଶୋଭନୀୟ କାର୍ଯ୍ୟର ଦ୍ୱାହୀ ଦେଇ ନିଜେ ନିଜର ବଡିମା ଦେଖାଇବାକୁ ଲାଗିଲେ । ଗଲା ୨୫ ବର୍ଷ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ରାଜ୍ୟବାସୀ ସବୁ ଅଙ୍ଗେ ନିଭେଇଛନ୍ତି । ଇତିମଧ୍ୟରେ ନିଜ ପେଁକାଳୀ ନିଜେ ବଜାଇ ସେ କି ବାହାଦୁରୀର କାର୍ଯ୍ୟ କଲେ ତାହା ସେ ଜାଣନ୍ତି ।

ତେବେ ନବୀନବାବୁଙ୍କ ଆଉ ଏକ ରୂପ ବାରମ୍ବାର ଦେଖିବାକୁ ମିଳିଛି ପାଣ୍ଡିଆନଙ୍କୁ ନେଇ । ସାରା ରାଜ୍ୟବାସୀ ପାଣ୍ଡିଆନଙ୍କୁ ନେଇ କ୍ଷୁବ୍ଧ । ଅଥଚ ନନୀନ ପାଣ୍ଡିଆନଙ୍କ ପ୍ରଶଂସାରେ ଶତମୁଖ । ପୂର୍ବରୁ ଥରେ କ୍ଲିନ ଚିଟଦେଲାପରେ ଆଉ ଏକ ସ୍ୱତନ୍ତ୍ର ଦୃଶ୍ୟ ଉପସ୍ଥାପନା କରିବାର ପ୍ରୟାସ ମଧ୍ୟ କରାଗଲା । ଗୋଟିଏ ପଟେ କେନ୍ଦ୍ରରେ ଗତଥର ଅପେକ୍ଷା ବିଜେପିର ସଂଖ୍ୟା କମିଯିବା ଓ ବିଜେଡିର ମଧ୍ୟ ଲୋକସଭାରେ ସଂଖ୍ୟା ଶୂନ ହୋଇଯିବା । ଏଣେ ନବୀନଙ୍କ ପ୍ରାୟୋଜକତ୍ୱରେ ପାଣ୍ଡିଆନଙ୍କ ଦ୍ୱାରା ଅବସ୍ଥାପିତ ବହୁ ଅଧିକାରୀଙ୍କ କାରନାମା ସେଥିରୁ ରାଜ୍ୟବାସୀଙ୍କ ଦୃଷ୍ଟି ହଟାଇବା ପାଇଁ ଏକ ପ୍ରାୟୋଜିତ ନାଟକ ମଧ କରାଗଲା । ଏ ନାଟକ ମାଧ୍ୟମରେ ରାଜ୍ୟବିଜେପିକୁ ଜଣାଇ ଦିଆଗଲା ଯେ, ଖୋଦ ଅମିତ ଶାହା ନବୀନ ବାବୁଙ୍କୁ ଅନୁରୋଧ କରିଛନ୍ତି ରାଷ୍ଟ୍ରପତି ନିର୍ବାଚନ ସମୟରେ ବିଜେପିର ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇବା ପାଇଁ । ତାଛଡା ଶ୍ରୀ ଶାହା କାଳେ ନବୀନଙ୍କୁ ଅନୁରୋଧ କରିଛନ୍ତି ଯେ, ରାଜ୍ୟସଭାରେ ବିଲ ପାସ କରିବା ପାଇଁ ବିଜେଡି କେନ୍ଦ୍ରକୁ ସମର୍ଥନ କରୁ । ଏହି ଭ୍ରାନ୍ତି ସୃଷ୍ଟି କରି ରାଜ୍ୟ ବିଜେପିକୁ ସେ କ୍ରମଶଃ ଦୁର୍ବଳ କରିବାକୁ ଚାହୁଁଥିଲେ । ଯାହାଫଳରେ କି ରାଜ୍ୟର ବିଜେପିର ସରକାର ଚିଟଫଣ୍ଡ ଦୁର୍ନୀତି, ଫାଇବ ଟି ଦୁର୍ନୀତି, ନବୀନ ଓଡ଼ିଶା ମୋ ଓଡ଼ିଶା ଦୁର୍ନିତିର ପେଡି ନଖୋଲିବା ପାଇଁ ଏହା ତାଙ୍କ ଦ୍ୱାରା ଏକ ପରୋକ୍ଷ ଧମକ । କିନ୍ତୁ ସେ ଭୁଲିଗଲେ ଯେ, ରାଷ୍ଟ୍ରପତି ନିର୍ବାଚନର ସମୟ ଢେର ଦିନ ପରେ ଆସିବ । ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳ ଅଧାବି ହୋଇନାହିଁ ତେଣୁ ତାଙ୍କର ଏ ଚତୁରତା ହଠାତ ଧରା ପଡିଗଲା । ସେହି ଇଂରାଜୀ ଦୈନିକରେ ତାଙ୍କ ପ୍ରାୟୋଜିତ ସମ୍ବାଦରେ ଏହାମଧ ପ୍ରକାଶ୍ୟ ପାଇବାକୁ ଲାଗିଲା । ପାଣ୍ଡିଆନ କାଳେ ବିଜେପିରେ ମିଶିବାକୁ ଚାହୁଁଛନ୍ତି ଏବଂ ବିଜେପି ପାଣ୍ଡିଆନଙ୍କୁ ନନେଉ ବୋଲି ସେ ଚାହୁଁଛନ୍ତି । ଗାଲୁଗପ ରାଜ୍ୟବାସୀଙ୍କୁ ଶୁଣାଇ ସେ ଏବେ କେତେ ଶକ୍ତିଶାଳୀ ତାହା ଜଣାଇବାକୁ ଚେଷ୍ଟା କରିଥିଲେ । ନବୀନ ବାବୁ ମଧ ଜଣେ ଏଭଳି ବରିଷ୍ଠ ରାଜନେତା ରାଜ୍ୟବିଧାନସଭାରେ ନିଜ ସଦସ୍ୟମାନଙ୍କ ଦ୍ୱାରା ଗଣ୍ଡଗୋଳ ସୃଷ୍ଟିକରିବା ସହ ବାଚସ୍ପତିଙ୍କ ମାଇକ ଭାଙ୍ଗଦେଲାଭଳି କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି । ଯଦି ପ୍ରୋତ୍ସାହନ ଦେଉନଥାନ୍ତେ । ତାହେଲେ ଏ ଘଟଣାକୁ ସେ ନିନ୍ଦା ବି କରିପାରିଥାନ୍ତେ । ସେ ମୁଖ୍ୟମନ୍ତ୍ରୀ ଥିଲାବେଳେ ରାଜ୍ୟବାସୀ ତାଙ୍କଠାରୁ ପ୍ରକୃତରେ ଅନ୍ୟକିଛି ସୁନ୍ଦର ଉଦାହରଣ ଆଶା କରୁଥିଲେ । ଯେଉଁଥିରୁକି ସେ ନିରାଶ କରିଛନ୍ତି ।

# ଭଗବାନ ଶିବଙ୍କ ମାସ : ଶ୍ରାବଣ

ଡକ୍ଟର ତପନ କୁମାର ପାଳ
ତୁଳସୀପୁର, କଟକ, ଦୂରଭାଷ :
୯୯୩୭୬୫୮୩୬୨ / ୭୯୭୮୭୯୬୩୩

ଶିବ ଭକ୍ତି ନିମନ୍ତେ ଶ୍ରାବଣ ମାସ ସର୍ବୋତ୍ତମ ଅବସର ଆଣିଥାଏ । ଏହି ମାସରେ ଭକ୍ତି ଭାବର ସହିତ ମହାଦେବଙ୍କ ଆରାଧନା କରିବା ଦ୍ୱାରା ତାଙ୍କର କୃପା ପ୍ରାପ୍ତି ହୋଇଥାଏ । ମାତ୍ର ବେଲପତ୍ର ଏବଂ ଜଳାଭିଷେକ ଦ୍ୱାରା ଏହି ମାସରେ ମହାଦେବଙ୍କ ଅନୁକମ୍ପା ପ୍ରାପ୍ତ କରିହେବ । ସାରା ଜଗତ ଭଗବାନ ଶିବଙ୍କ ଠାରୁ ହିଁ ସୃଷ୍ଟି ହୋଇଛି । ଶିବର ଅର୍ଥ ପରମକଲ୍ୟାଣକାରୀ । ଲୟ ଏବଂ ପ୍ରଳୟକୁ ମହାଦେବ ନିଜ ଅଧୀନରେ ରଖିଛନ୍ତି । ତାଙ୍କ ଠାରେ ପରସ୍ପର ବିରୋଧୀ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ତାଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଇଥାଏ, ଗଳାରେ ଲମ୍ବିଥାଏ ବିଷଧର ସର୍ପ । ସେ ଅର୍ଦ୍ଧନାରୀଶ୍ୱର ହୋଇଥିଲେ ବି କାମନା ଉପରେ ବିଜୟ ହାସଲ କରିଛନ୍ତି । ଗୃହସ୍ଥ ଭଳି ଜୀବନ ନିର୍ବାହ କରୁଥିଲେ ବି ଶ୍ମଶାନବାସୀ ଏବଂ ବୈରାଗୀ । ତାଙ୍କର ସୌମ୍ୟ ଆଶୁତୋଷ ସ୍ୱରୂପ ଭକ୍ତଙ୍କ ମନରେ ଭକ୍ତିଭାବ ଜାଗ୍ରତ କରୁଥିବା ବେଳେ ଭୟଙ୍କର ରୁଦ୍ର ସ୍ୱରୂପ ଦୁଷ୍ଟଙ୍କ ମନରେ ଭୀତି ସଞ୍ଚାର କରିଥାଏ । ଦେବଶୟନୀ ଏକାଦଶୀରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଯିବା ପରେ ମହାଦେବ ହିଁ ଜଗତ ପାଳକ ଦାୟିତ୍ୱ ନିର୍ବାହ କରିଥାନ୍ତି । ଏହି କାରଣରୁ ଶ୍ରାବଣ ମାସରେ ମହାଦେବଙ୍କୁ ଆରାଧନା କରାଯାଇଥାଏ । ଚର୍ତ୍ତୁଦିଗରେ ତାଙ୍କର ନାମ ଗୁଞ୍ଜରିତ ହୋଇଥାଏ ।

ଶ୍ରାବଣ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବାରୁ ଏହି ମାସର ନାମକରଣ ଶ୍ରାବଣ ହୋଇଛି । ଏହି ମାସର ସମ୍ପୂର୍ଣ୍ଣ କଳା କେବଳ ବ୍ରହ୍ମଦେବ ଜାଣିଥାନ୍ତି । ଏହି ମାସରେ ପ୍ରତ୍ୟେକ ଦିନ ଜପ, ତପ, ବ୍ରତ ଏବଂ ପୂଣ୍ୟ କାର୍ଯ୍ୟରେ ଅତିବାହିତ କରିବା ଉଚିତ । ଶ୍ରାବଣ ଭଗବାନ ଶିବଙ୍କ ପାଇଁ ଅତିପ୍ରିୟ ମାସ । ବର୍ଷାଋତୁର ଚାରି ମାସ ମଧ୍ୟ ଶିବଙ୍କ ଆରାଧନା କରାଯାଇପାରିବ । ସ୍ୱୟଂ ଭଗବାନ ଶିବ ନିଜ ମୁଖରେ ବ୍ରହ୍ମାଙ୍କ ମାନସ ପୁତ୍ର ସନତ କୁମାର ମାନଙ୍କୁ କହିଛନ୍ତି ଯେ ୧୨ ମାସ ମଧ୍ୟରେ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ । ସନତ କୁମାରମାନେ ଏହାର କାରଣ ପଚାରିବାରୁ ଭଗବାନ ଶିବ କହୁଛନ୍ତି, ଦେବୀ ସତୀ ନିଜ ପିତା ଦକ୍ଷଙ୍କ ଘରେ ଯୋଗଶକ୍ତି ରୂପରେ ଶରୀର ତ୍ୟାଗ କରିବା ସମୟରେ ପ୍ରତ୍ୟେକ ଜନ୍ମରେ ମୋତେ ପତି ରୂପରେ ପାଇବା ଲାଗି ପ୍ରତିଜ୍ଞା କରିଥିଲେ । ପରେ ସେ ହିମାଳୟଙ୍କ କନ୍ୟା ପାର୍ବତୀ ରୂପରେ ଜନ୍ମ ନେଲେ । ପାର୍ବତୀ ଦେବୀ ଯୁବାବସ୍ଥାରେ ପହଞ୍ଚିବା ପରେ ଗୋଟିଏ ମାସ ଉପବାସ ରହି କଠୋର ବ୍ରତ କରିଥିଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମୁଁ ଦେବୀଙ୍କୁ ବିବାହ କରିଥିଲି । ସେହି ମାସ ଥିଲା ଶ୍ରାବଣ, ତେଣୁ ଶ୍ରାବଣ ମାସ ମୋର ଅତ୍ୟନ୍ତ ପ୍ରିୟ । କେବଳ ସେତିକି ନୁହେଁ ମର୍କଣ୍ଡୁ ଋଷିଙ୍କ ପୁତ୍ର ମାର୍କଣ୍ଡେୟ ମଧ୍ୟ ଦୀର୍ଘାୟୁ ହେବା ଲାଗି ଶ୍ରାବଣ ମାସରେ କଠୋର ତପସ୍ୟା କରି ମହାଦେବଙ୍କୁ ପ୍ରସନ୍ନ କରିଥିଲେ । ମହାଦେବ ତାଙ୍କୁ ଯମଙ୍କ କବଳରୁ ସୁରକ୍ଷା ଦେଇଥିଲେ । ଅନ୍ୟ ଏକ ପୌରାଣିକ କଥା ଅନୁଯାୟୀ, ଶ୍ରାବଣ ମାସରେ ସମୁଦ୍ର ମନ୍ଥନ କରାଯାଇଥିଲା । ମନ୍ଥନରୁ ହଳାହଳ ବିଷ ବାହାରିଲା । ଏହି ବିଷକୁ ଭଗବାନ ଶିବ ପାନ କରିଥିଲେ । ଫଳରେ ସମଗ୍ର ସୃଷ୍ଟି ରକ୍ଷା ପାଇଗଲା । ବିଷ ପ୍ରଭାବରୁ ଭଗବାନ ଶିବଙ୍କ କଣ୍ଠ ନୀଳ ହୋଇଗଲା । ଏହି କାରଣରୁ ମହାଦେବ ନୀଳକଣ୍ଠ ବୋଲାଇଲେ । ବିଷ ପ୍ରଭାବ କମ କରିବା ଲାଗି ସମସ୍ତ ଦେବତା ମିଶି ଭଗବାନ ଶିବଙ୍କର ଜଳାଭିଷେକ କରିଥିଲେ । ଏହି କାରଣରୁ ଶ୍ରାବଣ ମାସରେ ଭଗବାନ ଶିବଙ୍କୁ ଜଳାଭିଷେକ କରାଯାଇଥାଏ । ଏହି ମାସରେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର, ଶତରୁଦ୍ରପାଠ ଏବଂ ପୁରୁଷସକ୍ତ ପାଠ ଏବଂ ପଞ୍ଚାକ୍ଷର ଏବଂ ଷଡାକ୍ଷର ଆଦି ଶିବ ମନ୍ତ୍ର ଏବଂ ନାମ ବିଶେଷ ଫଳ ଦେଇଥାଏ । ଏହି ସମ୍ପୂର୍ଣ୍ଣ ମାସରେ ଯିଏ ବି ନିଷ୍କାମ ଭାବରେ ଭଗବାନ ଶିବଙ୍କ ଭକ୍ତି କରିଥାଏ, ସେ ଶିବକୃପା ପ୍ରାପ୍ତ କରିଥାଏ । ଜୀବନରୁ ସମସ୍ତ କଷ୍ଟ ଦୂର ହୋଇଥାଏ ।

# ବୋଲବମ୍ ଓ ନିଶା

ଡାକ୍ତର ସମ୍ରାଟ କର
କଟକ, ଦୂରଭାଷ : ୯୧୩୨୪୩୩୩୩୩

ଶ୍ରାବଣ ମାସ ସୋମବାର ସକାଳ । ମୁଁ ଗାଧୋଇ ପାଧେଇ ପୂଜା କରୁଥାଏ । ଏହି ସମୟରେ ଆମ ଘରର ରୋଷେୟା ଚନ୍ଦ୍ର ଆସି ଡାକିଲା 'ବାବୁ ଆସନ୍ତୁ ଟିକେ କ୍ଲିନିକ୍‌କୁ । ଆମ ଗାଁର କାଉଡିଆମାନେ ବୋଲ୍‌ବମ୍ ଧରି ଲିଙ୍ଗରାଜ ମନ୍ଦିରକୁ ଯାଉଥିଲେ । ମୋର ଦାଦାପୁଅ ଭାଇ ଶଙ୍କରା ହଠାତ୍ ଏମିତି ପାଟିତୁଣ୍ଡ କଲା ଯେ ସମସ୍ତେ ଅଧାରୁ ପଳାଇ ଆସିଲେ' । ମୁଁ ଡ୍ରେସ୍ ପିନ୍ଧି କ୍ଲିନିକ୍‌କୁ ଶୀଘ୍ର ଆସିଲି । ମୁଁ ଯାଇ ଦେଖିଲି ଶଙ୍କରାକୁ ତିନି ଚାରିଜଣ ମାଡି ବସିଛନ୍ତି । ସେ ବଡ଼ ପାଟିରେ ଗପି ଚାଲିଛି 'ମୁଁ ହେଉଛି ସ୍ୱୟଂ ମହାଦେବ । ମୋତେ ଧରିଲେ ସମସ୍ତଙ୍କୁ ମାରିଦେବି । ମୋ ପାଖରେ ବହୁତ ଟଙ୍କା ଅଛି । ସବୁ ସରପଞ୍ଚ, ମନ୍ତ୍ରୀ ମୋତେ ମୁଣ୍ଡିଆ ମାରିବେ । ତମେମାନେ ସବୁ ମୋତେ ମାରିଦେବାକୁ ଆଣିଛ । ଛାଡିଦିଅ ମୋତେ ଛାଡିଦିଅ ।' ମୁଁ ପଚାରିଲି 'ତୁମେମାନେ ମୋତେ ସତକଥା କୁହ ? ସେ ଗଞ୍ଜେଇ ଖାଇଛି ?' ଜଣେ ଯୁବକ ଟିକିଏ ହସିଦେଇ କହିଲା 'ସାର୍, ଆପଣ ଜାଣିଲେ ତ, ଲୁଚାଇବୁ କାହିଁକି ? ଆମେ ସମସ୍ତେ ଟିକେ ଟିକେ ଗଞ୍ଜେଇ ମାରିଛୁ । ଗଞ୍ଜେଇ ନ ଟାଣିଲେ କଅଣ ବୋଲ୍‌ବମ୍ ନେଇ ଯାଇହେବ ?' ମୁଁ ପଚାରିଲି, 'ତୁମେମାନେ କଅଣ ଗଞ୍ଜେଇ ଟାଣିବାକୁ କାଉଡିଆ ପାଲଟିଛ ? ନିଶା ସେବନ ପାଇଁ କଅଣ ଏହା ଏକ ବାହାନା ? ନା ପ୍ରକୃତରେ ମହାଦେବଙ୍କ ପାଖରେ ଆସ୍ଥା ଅଛି ?' ସମସ୍ତେ ମୁଣ୍ଡ ତଳକୁ ପୋତି ଛିଡାହେଲେ । ପାଖରେ ଛିଡା ହୋଇଥିବା ଜଣେ ମଧ୍ୟବୟସ୍କ ବ୍ୟକ୍ତି ପଚାରିଲେ 'ଲୋକମାନେ ନିଶାସେବନ କାହିଁକି କରନ୍ତି ?' ସମସ୍ତେ ଗଞ୍ଜେଇ ଟାଣିଲେ, କେବଳ ଏହି ଟୋକାଟିର କାହିଁକି ମୁଣ୍ଡ ଖରାପ ହେଲା ? ଆଉ କେତେଜଣ ଏତେ ମଦ ପିଉଛନ୍ତି ଯେ ଦିନେ ନ ପିଇଲେ ରହିପାରୁନାହାନ୍ତି । ଏହାର କଅଣ ଚିକିତ୍ସା ଅଛି ?' ମୁଁ କହିଲି 'ଆଗ ଏହି ପିଲାଟିକୁ ଇଞ୍ଜେକସନ୍ ଦେଇ ଶାନ୍ତ କରେ । ତା'ପରେ ସବୁ ପ୍ରଶ୍ନର ଉତ୍ତର ଦେବି ।'

ନିଶା ସେବନର କାରଣ : ନିଶା ମନରୁ ଦୁଃଖ ସାମୟିକ ଭାବେ ଦୂର କରାଇ ଆନନ୍ଦ ଅନୁଭବ କରାଏ । ପ୍ରତିଥର ଏହି ଆନନ୍ଦ ଅନୁଭବ କରିବାକୁ ହେଲେ ଅଧିକରୁ ଅଧିକ ନିଶା ବ୍ୟବହାର କରିବାକୁ ପଡ଼ିଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ତେଣୁ ଏହି ନିଶା ଛାଡ଼ିଲାବେଳେ ଶରୀରରେ କେତେକ ଲକ୍ଷଣ ଦେଖାଯାଏ । ତେଣୁ ପୁଣି ଥରେ ନିଶା ଖାଇବା ପାଇଁ ଆସକ୍ତି ଭାବନା ସୃଷ୍ଟି ହୁଏ । ବାରମ୍ବାର ନିଶା ସେବନ ଦ୍ୱାରା ଆମର ଶାରୀରିକ ଓ ମାନସିକ ସ୍ତରରେ ନିଶାଦ୍ରବ୍ୟ ପ୍ରତି ନିର୍ଭରତା ଆସେ । ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ବ୍ୟବହାର କରୁଥିବା ଲୋକ କୌଣସି ଦିନ ନିଶା ନ ପାଏ, ତେବେ ତାହାର ଶାରୀରିକ ଓ ମାନସିକ ସ୍ତରରେ ପ୍ରଭାବ ଅନୁଭୂତ ହୁଏ । ମଦ ନିଶାଶକ୍ତ ବ୍ୟକ୍ତିମାନେ ଯେତେ କହିଲେ ମଧ୍ୟ ନିଶା ଛାଡି ପାରନ୍ତି ନାହିଁ; କାରଣ ମଦ ବନ୍ଦ କରିଦେଲେ ହାତ ଥରେ, ଛାତି ଧଡ଼ଧଡ଼୍ ହୁଏ, ମୁଣ୍ଡ ବିନ୍ଧେ, ଡର ଲାଗେ ଓ ନିଦ ହୁଏନାହିଁ । ଭାଙ୍ଗ, ଗଞ୍ଜେଇ ପ୍ରଭୃତି ନିଶାକୁ ଲୋକେ ସହଜରେ ଗ୍ରହଣ କରିନେଇଥାନ୍ତି ଓ ଏହା ସାମାଜିକ ପର୍ବପର୍ବାଣିରେ ବ୍ୟବହାର ହୋଇଥାଏ । ଆଜିକାଲି ମଦକୁ ମଧ୍ୟ ଗ୍ରହଣ କରାଗଲାଣି । ସେହି ନିଶାଗୁଡ଼ିକୁ 'ନରମ ନିଶା' ବୋଲି କୁହାଯାଏ । ଅଫିମ ଓ ଅଫିମରୁ ତିଆରି ମର୍ଫିନ୍, ପେଥିଡିନ୍, ହେରୋଇନ୍ ପ୍ରଭୃତି ନିଶା, ବେଶି ପରିମାଣରେ ମଦ ଇତ୍ୟାଦି ଜୀବକୋଷଗୁଡ଼ିକରେ ଶୀଘ୍ର ପରିବର୍ତ୍ତନ ସୃଷ୍ଟି କରିପାରୁଥିବାରୁ 'ଟାଣୁଆ ନିଶା' ବୋଲି କୁହାଯାଏ । ଆମର ପ୍ରକୃତି ଓ ବ୍ୟକ୍ତିତ୍ୱ ଉପରେ ନିଶାସେବନ ମଧ୍ୟ ନିର୍ଭର କରେ । ଯେଉଁମାନେ ସାମାନ୍ୟ ନିରାଶାରେ ଭାଙ୍ଗିପଡ଼ନ୍ତି, ସେମାନେ ନିଶା ସେବନ କଲେ ତାହା ଆଉ ଛାଡ଼ିପାରନ୍ତି ନାହିଁ । ଏହା ପରୀକ୍ଷା କରି ଦେଖାଯାଇଛି ଯେ ଯେଉଁମାନଙ୍କ ବାପ ମା' ନିଶା ସେବନ କରନ୍ତି, ସେମାନଙ୍କ ପିଲାମାନେ ମାନସିକ ନିଶାସେବନ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି । ତେଣୁ ସେମାନେ ସୁବିଧା ପାଇଲେ ଖୁବ୍ ଶୀଘ୍ର ନିଶାଗ୍ରସ୍ତ ହୋଇଯାନ୍ତି । ନିଶା ଖାଇବାକୁ ନ ପାଇଲେ ଚୋରି, ଡକାୟତି ପ୍ରଭୃତି କରିବା ପାଇଁ ଲୋକମାନେ ବାଧ୍ୟ ହୁଅନ୍ତି । ନିଶା ରଖିବା ଓ ତା'ର ଚୋରାରେ ବ୍ୟବହାର କରିବା ଏକ ଲାଭଜନକ ବ୍ୟବସାୟ । ମାଗଣାରେ ନିଶାଦେଇ ସହକର୍ମୀ ଓ ସହପାଠୀମାନଙ୍କୁ ନିଶା ସେବନ ରାସ୍ତାରେ ପକାଇ ଦିଅନ୍ତି । ନୂଆ ବ୍ୟକ୍ତି ମଧ୍ୟ ନିଶାଦ୍ରବ୍ୟ ସରବରାହର ଏକ ଏଜେଣ୍ଟ ଭଳି କାର୍ଯ୍ୟ କରେ ଓ ଏହା ସହଜ ଅର୍ଥ ଉପାର୍ଜନର ଏକ ପନ୍ଥା ହୋଇଯାଏ । କେତେକଙ୍କ ଧାରଣା ଯେ ନିଶାଦ୍ରବ୍ୟ ଯୌନକ୍ରୀଡ଼ାରେ ଅଧିକ ଆନନ୍ଦ ଦିଏ । ଅଳ୍ପ ପରିମାଣର କେତେକ ନିଶା ସାମୂହିକ ଭାବେ ମନର ବିହ୍ୱଳ ଭାବ ଦୂର କରୁଥିବାରୁ ଯୌନକ୍ରିୟା ସମୟରେ ଅଧିକ ଆନନ୍ଦ ଦେଲା ପରି ବୋଧହୁଏ । ତେଣୁ ଅନେକ ବ୍ୟକ୍ତି ପ୍ରତି ସମ୍ଭୋଗ ସମୟରେ ଏହାକୁ ବ୍ୟବହାର କରନ୍ତି । କିନ୍ତୁ କିଛିଦିନ ବ୍ୟବହାର କରିବାଦ୍ୱାରା ନିଶାର ପରିମାଣ ବଢ଼ିଯାଏ ଓ ନିଶା ହେବାର କୁପ୍ରଭାବ ଦ୍ୱାରା ନିଶାଗ୍ରସ୍ତ ମନୁଷ୍ୟ ନପୁଂସକ ହୋଇଯାଏ ।

ସମସ୍ୟା :

ମାନସିକ ସମସ୍ୟା : ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର (ଜରଙ୍ଗବକ୍ସୟ ଉରଭଙ୍ଗକ୍ସର)କୁ ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । ତେଣୁ ଏହା ସମସ୍ତଙ୍କର ହୁଏନାହିଁ । ନିଶା ବ୍ୟବହାରଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ ।

ଶାରୀରିକ ସମସ୍ୟା : ଶାରୀରିକ ରୋଗମାନଙ୍କ ମଧ୍ୟରେ ଜଣ୍ଡିସ୍ ବା କାମଳ ରୋଗ ପ୍ରଧାନ । ଏହାଛଡ଼ା ପେପ୍‌ଟିକ ଅଲସର, ନ୍ୟୁରାଇଟିସ, ପାରାଲିସିସ୍ ରୋଗ ମଧ୍ୟ ଦେଖାଦିଏ । ନିଶାଗ୍ରସ୍ତ ଅବସ୍ଥାରେ ଦୁର୍ଘଟଣା ହୋଇ ହାଡ଼ ଭାଙ୍ଗିଯାଇପାରେ ବା ମସ୍ତିଷ୍କରେ ଧକ୍କା ବାଜି ରକ୍ତସ୍ରାବ ହୋଇ ସାରା ଜୀବନପାଇଁ ମନୁଷ୍ୟ ପଙ୍ଗୁ ହୋଇଯାଇପାରେ ।

ସାମାଜିକ ସମସ୍ୟା : ଆମ ଦେଶରେ କେତେକ ଲୋକ ନିଶା ବ୍ୟବହାର କରୁଛନ୍ତି ତାହା ସଠିକ୍ ଭାବେ ଜଣା ପଡୁ ନାହିଁ । କେବଳ ଯେଉଁମାନେ ନିଶାଦ୍ରବ୍ୟ ବ୍ୟବହାର କରିବା ଦ୍ୱାରା ଶାରୀରିକ ତଥା ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଓ ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନାରେ ଧାଡ଼ି ବାନ୍ଧି ଠିଆ ହେଉଛନ୍ତି, କେବଳ ସେହିମାନଙ୍କ ବିଷୟରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରୁଛି । ଏହି ବିଶ୍ଳେଷଣରୁ ଜଣାପଡୁଛି ଯେ ଯୁବଗୋଷ୍ଠୀ ଓ କଲେଜ ଛାତ୍ରମାନେ ନିଶା ସେବନରେ ବୃଦ୍ଧ ଓ ମଧ୍ୟବୟସ୍କମାନଙ୍କ ଅପେକ୍ଷା ଆଗୁଆ ଅଛନ୍ତି । ଏହାର କାରଣ ଯୁବକ ଓ ଛାତ୍ରମାନେ ଦଳ ଦଳ ହୋଇ ଏକାଠି ନିଶା ବ୍ୟବହାର କରୁଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ନିଶା ଦ୍ରବ୍ୟର ବିକ୍ରି ଦିନକୁ ଦିନ ଦ୍ରୁତଗତିରେ ବଢ଼ି ଚାଲିଛି । ଅଧିକରୁ ଅଧିକ ବିକ୍ରି ହେଉଥିବା ନିଶାଦ୍ରବ୍ୟଗୁଡ଼ିକ ଯୁବ ସମାଜ ଓ ଛାତ୍ରସମାଜ ପ୍ରତି ଏକ ଭୟଙ୍କର ଧମକ କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଶାଗ୍ରସ୍ତ ବ୍ୟକ୍ତି ଏକ ସାମାଜିକ ସମସ୍ୟା । ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ସେମାନେ ନିଜକୁ କୌଣସି ରକମ ଖାପ ଖୁଆଇପାରନ୍ତି ନାହିଁ । ସେମାନଙ୍କୁ ନିଶା ସେବନ ରୋଗରୁ ମୁକ୍ତ କରିବାକୁ ହେଲେ ଚିକିତ୍ସା ସହ ଉପଯୁକ୍ତ ଥଇଥାନ ବନ୍ଦୋବସ୍ତ ମଧ୍ୟ କରିବା ଆବଶ୍ୟକ ।

ଆଇନଗତ ସମସ୍ୟା : ବର୍ତ୍ତମାନ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କର ନୈତିକ ମାନ ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିବା । ଅପରାଧୀମାନଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ବା ନିଶା ଖାଇ ପାପକର୍ମ ଘଟାଇଛନ୍ତି । ତେଣୁ ୧୯୮୫ ମସିହାରେ ଭାରତ ସରକାର ନିଶା ବା ମାଦକ ଦ୍ରବ୍ୟର ବ୍ୟବହାର ବାରଣ ପାଇଁ ଏକ ଆଇନ ପ୍ରଣୟନ କରିଛନ୍ତି । ଏଥିରେ କେତେକ ନିର୍ଦ୍ଦିଷ୍ଟ ନିଶା ବ୍ୟବହାର ପାଇଁ ବାରଣ ଅଛି ଓ ସେଗୁଡ଼ିକ ରଖିବା ଓ ଅନ୍ୟମାନଙ୍କୁ ଖାଇବା ପାଇଁ ପ୍ରରୋଚନା କରିବା ଇତ୍ୟାଦି ଏକ ବଡ଼ ଅପରାଧ ହିସାବରେ ଯଥେଷ୍ଟ ଦଣ୍ଡ ଓ ଜେଲଭୋଗର ନିୟମାବଳୀ ପ୍ରଭୃତି ହୋଇଛି ।

ଚିକିତ୍ସା : ଔଷଧ ଦ୍ୱାରା ମଦ, ଗଞ୍ଜେଇ, ଭାଙ୍ଗ ଆଦି ନିଶାସେବନ କରିବାର ଇଚ୍ଛା ଓ ନିଶା ସେବନ ଦ୍ୱାରା ହେଉଥିବା ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା କରିହେବ । ନିଶାସେବନ ବନ୍ଦ ପାଇଁ ଅନେକ ପ୍ରକାର ଔଷଧ ବାହାରିଲାଣି । କେତେକ ଔଷଧ ଅଛି ଯାହାକୁ ଖାଇଲେ ନିଶାସେବନ କରୁଥିବା ବ୍ୟକ୍ତିର ଯେଉଁ ଲକ୍ଷଣ ଦେଖାଯାଏ, ସେଗୁଡିକ କମିଯାଏ । ଏପରି ଔଷଧ ମଧ୍ୟ ଅଛି ଯାହାଦ୍ୱାରା ନିଶାସେବନ କରିବାକୁ ଇଚ୍ଛା ହେବନାହିଁ । ଆଉ ଗୋଟିଏ ପ୍ରକାର ବଟିକା ଅଛି ତା'ର ପ୍ରଭାବରେ, ମଦ ଖାଇଲେ ବାନ୍ତିହେବ ଓ ମୁଣ୍ଡ ବିନ୍ଧିବ । ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ଏକ ଜରୁରୀ ଆବଶ୍ୟକ । ଏହି ଚିକିତ୍ସା କେବଳ ଯେ ଡାକ୍ତରମାନଙ୍କ ଦ୍ୱାରା ସମ୍ଭବ ହେବ, ଏହା ଭାବିବା ଉଚିତ ନୁହେଁ । କାରଣ ଏହା ଗୋଟିଏ ସାମାଜିକ ବ୍ୟାଧି, ଦେଶୀୟ ଓ ଅନ୍ତର୍ଦେଶୀୟ ସମସ୍ୟା । ତେଣୁ ଏହାର ଚିକିତ୍ସା ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସ୍ୱେଚ୍ଛାସେବୀ ଆବଶ୍ୟକ । ଆଇନଜ୍ଞ, ପୋଲିସ, ଶିକ୍ଷାବିତ୍, ମନସ୍ତତ୍ତ୍ୱବିତ୍ ତଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞଙ୍କ ବ୍ୟତୀତ ଏ ବିଷୟରେ ସମ୍ବାଦ ସରବରାହ ସଂସ୍ଥାର ସାହାଯ୍ୟ ନିହାତି ଆବଶ୍ୟକ ।

# ବର୍ଷାଦିନେ ପିଲା ଓଦା ହେଲେ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ
ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪,
E-mail : drjyotiranjanchampatray123@gmail.com

ମୌସୁମୀ ହେଉ ବା ଲଘୁଚାପ ବର୍ଷାର ପ୍ରକୋପ ଧିରେ ଧିରେ ଅନୁଭୂତ ହେଲାଣି । ଏପରିକି ଦିନେ ଦିନେ ଝିପିଝିପି ଲଗାଣ ବର୍ଷା ବି ଧାରା ଶ୍ରାବଣ ପରି ବର୍ଷି ଚାଲିଛି । ଆଉ ଏହି ବର୍ଷାଦିନେ ଛୋଟପିଲାମାନେ ବର୍ଷାରେ ଭିଜିବାକୁ ଭାରି ଖୁସି ଅନୁଭବ କରନ୍ତି । ପିଲାମାନେ ବର୍ଷାରେ ଭିଜି ଖେଳି ବୁଲନ୍ତି, ଡଙ୍ଗା ଭସାନ୍ତି ଆଉ ବିଦ୍ୟାଳୟକୁ ଯିବା ଆସିବା ବେଳେ ବି ରେନିକୋର୍ଟ ବା ଛତା ଥିଲେ ମଧ୍ୟ କେତେକ ପିଲା ବର୍ଷାରେ ତିନ୍ତିବାକୁ ଭାରି ଭଲ ପାଆନ୍ତି । ପିଲାମାନେ ସେମାନଙ୍କ ଭାବନାରେ ଜାଣିନଥିଲେ ବି ଏହି ଭିଜା ବର୍ଷା ସେମାନଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ କେତେଯେ କ୍ଷତିକାରକ ତାହା ସେମାନେ ଜାଣିବା ବେଳକୁ ପିଲାଟି ରୋଗଯନ୍ତ୍ରଣାରେ ଝଟପଟ ହେବା ସାର ହୋଇଥାଏ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ବାପା ମା' ବା ଅଭିଭାବକମାନଙ୍କର । ସେହିପରି ବିଦ୍ୟାଳୟର ଗୁରୁଜୀ, ଗୁରୁମା ବା ଟ୍ୟୁସନ ସାରଙ୍କର ମଧ୍ୟ ସଚେତନ କରିବାର ଭୂମିକା ବି ରହିଛି । ପିଲାମାନେ ଅମାନିଆ ହେଉଥିଲେ ବି ସେମାନଙ୍କୁ ବୁଝାଇ କହିଲେ ନିଶ୍ଚିତ ଭାବରେ ସେମାନେ ଅନୁଭବ କରି ବୁଝିବାକୁ ବେଶ୍ ସକ୍ଷମ ହୋଇଥାନ୍ତି ।

ପିଲାଟି ଯଦି ବର୍ଷାରେ ଭିଜି ଯାଇଥାଏ ତେବେ ଆଦୌ ବିଳମ୍ବ ନକରି ତୁରନ୍ତ ତାଦେହରୁ ଭିଜା ସାର୍ଟ ପ୍ୟାଣ୍ଟ ଖୋଲି ଦିଅନ୍ତୁ । ତା'ପରେ ତାକୁ ଭଲ ଭାବରେ ଶୁଖିଲା ସଫା କପଡ଼ାରେ ପୋଛାପୋଛି କରନ୍ତୁ । କେତେକ କ୍ଷେତ୍ରରେ ବାପ-ମା'ମାନେ ଭିଜିବା ପରେ ସାର୍ଟପ୍ୟାଣ୍ଟ ଖୋଲି ପିଲାଟିକୁ ଗାଧୋଇ ଦେବାକୁ ଉଚିତ ମନେ କରିଥାନ୍ତି କିନ୍ତୁ ଏହା ପିଲାଟିର ଶରୀର ପାଇଁ ଘାତକ ହୋଇପାରେ । ସହଜେ ପିଲାଟି ଭିଜା ବର୍ଷାରେ ତିନ୍ତି ଓଦା ଜଡ଼ସଡ ଅବସ୍ଥାକୁ ପୁଣି ଗାଧୁଆ ପାଣି ନିଶ୍ଚିତ ଭାବରେ ସେମାନଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏପରି କ୍ଷେତ୍ରରେ ପିଲାଟିକୁ ଜ୍ୱର ହେବାର ସମ୍ଭାବନା ବି ରହିଥାଏ । ସେହିପରି ପିଲାଟିକୁ ଫୁଟାପାଣି କିମ୍ବା ଭଲ ଭାବେ ବିଶୋଧିତ ହୋଇଥିବା ପାଣି ପିଇବାକୁ ଦିଅନ୍ତୁ । ବର୍ଷାଦିନେ ପିଲାମାନଙ୍କ ପାଇଁ ଫୁଟା ସୁଶୀତଳ ପାଣି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ । ପିଲାଟି ବର୍ଷାଦିନେ ଯେପରି ନ ଭିଜିବ ସେଥିପ୍ରତି ସତର୍କ ଦୃଷ୍ଟି ଦେଇ ପିଲାଟିକୁ ସଚେତନ କରାନ୍ତୁ । ବର୍ଷାଦିନେ ପିଲାମାନେ ଘରେ ନ ବସି ବରଂ ତିନ୍ତି ଖେଳିବା ପାଇଁ ଭଲ ପାଆନ୍ତି । କେତେକ ପିଲା ଫୁଟବଲ ବା ଦୌଡ଼ାଦୌଡ଼ି, ଡଙ୍ଗାଭସା ନହେଲେ ଗୋଡ଼ରେ ପାଣି ସୁଅକୁ ଠେଲିଠାଲି ମଜା ନେବାର ଅନୁଭବକୁ ବେଶ୍ ଖୁସି ପାଆନ୍ତି କିନ୍ତୁ ଏହା ସେହି ପିଲାମାନଙ୍କ ପାଇଁ ଆଦୌ ଭଲ ନୁହେଁ ।

ପିଲାମାନେ ବର୍ଷାଦିନେ ବାହାରେ ଖେଳିବା ମାନେ ନିଶ୍ଚିତ ଭାବରେ ସେମାନଙ୍କର ଶରୀର ସହ ହାତ ମଧ୍ୟ ଅପରିଷ୍କାର ହୋଇଥାଏ । ତେଣୁ ପିଲାଟି ବାହାରୁ ଆସିବା ପରେ ତାକୁ ଭଲ ସାବୁନରେ ହାତ ଓ ପାଦ ଧୋଇବା ପାଇଁ ଦିଅନ୍ତୁ । ଖାଇବା ପୂର୍ବରୁ ନିଶ୍ଚିତ ଭାବରେ ହାତ ଓ ନଖକୁ ଯେପରି ପରିଷ୍କାର କରିଥାଏ ସେଥିପ୍ରତି କେବଳ ଘରର ଗୁରୁଜନଙ୍କ ସହିତ ବାପ-ମା'ଙ୍କ ସଚେତନ ଭୂମିକା ଜରୁରୀ । ବର୍ଷା ଦିନେ ପିଲାଟିର ନଖ ଭଲ ଭାବରେ ସଫା ସୁତୁରା ରଖନ୍ତୁ । ନିୟମିତ ବ୍ୟବଧାନରେ ନଖ କାଟନ୍ତୁ ଓ ନଖ ଭିତର ମଳିକୁ ଏଣୁ ତେଣୁ ଛୁଞ୍ଚି ବା ସେପ୍ଟିପିନ୍‌ରେ ସଫା ନକରି ଭଲ ତୁଳାରେ ପରିଷ୍କାର କରନ୍ତୁ । ପିଲାଟିର ନଖ ଭିତରେ ଜୀବାଣୁ ଜମି ରହି ତାର ଭେଟ ଭିତରକୁ ଯିବାର ସମ୍ଭାବନା ରହିଥାଏ ଯାହାଦ୍ୱାରା ପିଲାଟିର ପେଟ ରୋଗ ବି ଦେଖାଯାଏ । ବର୍ଷାଦିନେ ମଶାରୀ ଟାଙ୍ଗି ଶୋଇବା ଅଭ୍ୟାସ ସବୁଠାରୁ ଭଲ । ମଶା ଧୂଆଁ ଅପେକ୍ଷା ଏହା ଏକ ଭଲ ଅଭ୍ୟାସ । ପ୍ରତି ତିନିବର୍ଷରେ ଥରେ ପିଲାଟିକୁ ଟାଇଫଏଡ଼୍ ଟୀକା ଦିଅନ୍ତୁ । ବର୍ଷା ଦିନଟି ପିଲାମାନଙ୍କ ପାଇଁ ଖୁସିବାସିର ଋତୁ ହୋଇଥିଲେ ବି ବାସ୍ତବରେ ଏହି ଋତୁଟି ପିଲାମାନଙ୍କ ପାଇଁ କେତେକ ସମସ୍ୟା ଓ ଯନ୍ତ୍ରଣାକୁ ନିମନ୍ତ୍ରଣ କରିଥାଏ । ବର୍ଷା ଦିନେ ବର୍ଷାର ପ୍ରଥମ ଅସରା ପିଲାଙ୍କ ମୁଣ୍ଡରେ ପଡ଼ିଥାଏ । ସେମାନଙ୍କ ମୁଣ୍ଡର ଚୁଟି ତିନ୍ତିବା ହେତୁ ବର୍ଷାଦିନେ ଜଳବାୟୁରେ ଆର୍ଦ୍ରତା ରହୁଥିବାରୁ ପିଲାମାନଙ୍କୁ ଥଣ୍ଡା ଧରିବା ସହିତ ଚର୍ମ ସମ୍ବନ୍ଧୀୟ ସମସ୍ୟା ବି ଦେଖାଯାଇଥାଏ ।

ବର୍ଷାଦିନେ ଓଦା ହେବା ସମୟରେ ପିଲାଙ୍କ ଦେହରେ ଥିବା କୌଣସି ଘା'ସିଧାସଳଖ ଭାବେ ବର୍ଷାରେ ତିନ୍ତିଲେ ବା ବ୍ୟାଣ୍ଡେଜ ବି ତିନ୍ତିଲେ ତାହା ସେମାନଙ୍କ ଘା'କୁ ସଂକ୍ରମଣ କରିବାର ସମ୍ଭାବନା ଥାଏ । ସେହିକ୍ଷେତ୍ରରେ ତୁରନ୍ତ ଉଷୁମ ପାଣିରେ ଡେଟଲ୍ ଟିକେ ପକାଇ ସେହି ପାଣିକୁ ଘା'ସ୍ଥାନଟିକୁ ସଫା କରିଦେବା ଭଲ ବା ବେଶି ଭିଜିନଥିଲେ ବିଶୋଦ୍ଧିତ ଗଜରେ ସଫା କରିପାରନ୍ତି । କେତେକ ପିଲା ଖୁସି ପାଇବା ପାଇଁ ବର୍ଷା ସମୟରେ ଉପରକୁ ଚାହିଁ ଭିଜିଥାନ୍ତି । ଏହା ଅତ୍ୟନ୍ତ ବିପଦଜନକ ପିଲାମାନଙ୍କ ପାଇଁ ହୋଇପାରେ । ବର୍ଷାର ଧାରା ପିଲାମାନଙ୍କ ଆଖି ଉପରେ ମାଡ଼ ହେବା ଦ୍ୱାରା ପିଲାଙ୍କୁ ମଜା ଲାଗୁଥିଲେ ବି ପରବର୍ତ୍ତୀ ସମୟରେ ଏହା ଡୋଳାକୁ ଲାଲ କରିବା ସହ ପରବର୍ତ୍ତୀ ସମୟରେ ଆଖିରୁ ପାଣି ବୋହିବା, ଲେଞ୍ଜରା ସୃଷ୍ଟି ହେବା ସହ କେତେକ କ୍ଷେତ୍ରରେ ପିଲାଟିକୁ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହୋଇଥାଏ । ବର୍ଷାଦିନେ ସେପରି କିଛି ଅସୁବିଧାର କାରଣ ବଶତଃ ଅଳ୍ପ ପରିମାଣର ଭିଜିଗଲେ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ସତର୍କ ରହି ପୋଛାପୋଛି କରି ସଫାସୁତୁରା ଲୁଗାପଟା ପିନ୍ଧିଲେ ପିଲାଙ୍କ ଶରୀର ପାଇଁ ସେତେଟା ସମସ୍ୟାଜନକ ନହୋଇପାରେ । ତେବେ ଅଧିକ ସମୟ ବା ବାରମ୍ବାର ଭିଜିବା ଦ୍ୱାରା ନିଶ୍ଚିତ ଭାବେ ପିଲାଟିର ଦେହ ଖରାପ କରିଥାଏ । ବର୍ଷାରେ ଭିଜିବା ବା ଓଦା ହେବା ପୂର୍ବରୁ ପିଲାଟି ଦେହରେ ଜ୍ୱର, ନିମୋନିଆ ଥିଲେ ଏହା ଅତ୍ୟନ୍ତ ଚିନ୍ତାଜନକ ହୋଇଥାଏ । କାରଣ ପରବର୍ତ୍ତୀ ସମୟରେ ପିଲାଟିର ଦେହ ଅଧିକ ଖରାପ ହେବାର ସମ୍ଭାବନା ବି ରହିଥାଏ । ବର୍ଷାଋତୁ ଛଅଋତୁ ପରି ଗୋଟିଏ ଋତୁ । ଏହି ଋତୁଟି ସବୁଠାରୁ ପ୍ରାକୃତିକ ଦୃଷ୍ଟିକୋଣରୁ ସୁନ୍ଦର ଋତୁ ଭାବରେ ବିବେଚନା କରାଯାଏ । ପିଲାଟି ପାଇଁ ଏହି ଋତୁରେ ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ସତର୍କ ହୋଇ ବିଶେଷ ଭାବେ ପିଲାଟି ଯେପରି ଓଦା ନହୁଏ ସତର୍କ ରହିଲେ ଏହି ଋତୁଟି ପିଲାମାନଙ୍କ ପାଇଁ ନିଶ୍ଚିତଭାବେ ଖୁସି ଓ ଆନନ୍ଦର ଋତୁ ହେବ ।